# ପିଲାଙ୍କ ଧରିତ୍ରୀ

ଶନିବାର, ୦୬ ଏପ୍ରିଲ୍, ୨୦୧୯



୭ ଜଣା ଅଜଣା



୩ ଆସ ଜାଣିବା

୮ ଆଇନା





୬ କବିତା

## ମତାମତ

➢ ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଉତ୍କଳ ଦିବସ ସମ୍ପର୍କିତ ଥିବାରୁ ଖୁବ୍ ସୁନ୍ଦର ଲାଗୁଥିଲା ।

– ଅନିକେତ ସାହୁ
ବେଗୁନିଆ, ଖୋର୍ଦ୍ଧା

➢ ତୁମ ତୂଳୀରୁ ପୃଷ୍ଠାର ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା ।

– ଅପର୍ଣ୍ଣା ସ୍ୱାଇଁ
ବକ୍ସି ବଜାର, କଟକ

➢ ପୃଷ୍ଠା ୩ଟି ଖୁବ୍ ସୁନ୍ଦର ଲାଗୁଥିଲା । ଏଥିରେ ନିଖୁଣ ଭାବେ ପ୍ରତିଫଳିତ ହୋଇଥିଲା ଓଡ଼ିଶାର ସଂସ୍କୃତି ଏବଂ ଐତିହ୍ୟ ।

– ମମତାମୟୀ ମହାପାତ୍ର
ଡୁମୁଡୁମା, ଭୁବନେଶ୍ୱର

➢ ଆସ ଚିହ୍ନିବା ସ୍ତମ୍ଭରେ ପ୍ରତିଟି ଦେଶପ୍ରେମୀଙ୍କୁ ଜାଣିବାକୁ ପାଇଲୁ । ଜୟ ଉତ୍କଳ କବିତାଟି ବେଶ୍ ମନଛୁଆଁ ଥିଲା ।

– ଟିଙ୍କି, ରିଙ୍କି
କୋଏଲନଗର, ରାଉରକେଲା

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ । ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡିବ । ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ ।

**ଆମ ଠିକଣା**
dharitrifeature@gmail.com

ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

# ଯାହା ହେଲା ଭଲ ହେଲା

ଗପ



ଅରବିନ୍ଦନଗରର ରାଜା ଶିବଦେବ । ଖୁବ୍ ସଚ୍ଚୋଟ, ଦୟାଳୁ, ପରୋପକାରୀ ମଧ୍ୟ । ତାଙ୍କର ମନ୍ତ୍ରୀ ସୁମତି । ସେ ଚରିତ୍ରବାନ ଓ ବୁଦ୍ଧିମାନ । ମାତ୍ର ପ୍ରତ୍ୟେକ କଥାରେ ଭଲ ହେଉ କି ମନ୍ଦ, କୁହନ୍ତି: 'ଯାହା ହେଲା ଭଲ ହେଲା' ।

ଦିନେ ରାଜା ଶିକାର କରିବାକୁ ଗଲାବେଳେ ଘୋଡା ଉପରୁ ଖସିପଡିଲେ । ଗୋଡ ଖଣ୍ଡିଆ ହୋଇଗଲା । ମନ୍ତ୍ରୀ ଦେଖୁ ଦେଖୁ କହିଲେ 'ଯାହା ହେଲା ଭଲ ହେଲା' । ରାଜା ରାଗିଯାଇ ତାଙ୍କୁ ବନ୍ଦୀ ଶାଳାରେ ରଖାଇଦେଲେ । ମନ୍ତ୍ରୀ ବି କହିଲେ, 'ଯାହା ହେଲା ଭଲ ହେଲା' ।

ରାଜା ବଣକୁ ଚାଲିଗଲେ । କସ୍ତୁରୀ ମୃଗ ପଛରେ ଗୋଡାଇ ରାଜା ବହୁ ଦୂରକୁ ଚାଲିଯାଇଥିଲେ । ଏଣେ ସୈନିକମାନେ ତାଙ୍କଠାରୁ ଦୂରେଇ ଯାଇଥିଲେ । ଏହି ସମୟରେ କିଛି ଦସ୍ୟୁ ତାଙ୍କୁ ବାନ୍ଧି ପକାଇଲେ । ବଣ ଦେବୀଙ୍କ ପାଖରେ ବଳି ଦେବାକୁ ନେଇଗଲେ । ରାଜାଙ୍କୁ ବଧ କରିବା ବେଳେ ଜଣେ ଦେଖିବାକୁ ପାଇଲା ରାଜାଙ୍କ ଗୋଡ ଖଣ୍ଡିଆ । ବଣଦେବୀ ଘାଉଡ ବ୍ୟକ୍ତିର ବଳି ପାଆନ୍ତି ନାହିଁ ଭାବି ରାଜାଙ୍କୁ ଛାଡିଦେଲେ । ରାଜା ସକୁଶଳରେ ରାଜ୍ୟକୁ ଫେରିଲେ । ରାଜ ଦରବାରରେ ପହଞ୍ଚି ଜାଣିଲେ ସାଥିରେ ଯାଇଥିବା ସୈନ୍ୟମାନେ ଫେରିନାହାନ୍ତି ।

ରାଜା ଆଦେଶ ଦେଲେ ମନ୍ତ୍ରୀଙ୍କୁ ଦରବାରରେ ହାଜର କରାଅ । ମନ୍ତ୍ରୀଙ୍କୁ ଦେଖି ରାଜା କହିଲେ, ଶିକାର କରିବାକୁ ଯିବାବେଳେ ଘୋଡା ଉପରୁ ଖସିପଡି ମୋ ଗୋଡ ଖଣ୍ଡିଆ ହୋଇ ନ ଥିଲେ, ଆଜି ରାଜ୍ୟକୁ ଫେରି ନ ଥାନ୍ତି । ତୁମେ ଯାହା କହିଥିଲ–'ଯାହା ହେଲା ଭଲ ହେଲା', ପ୍ରକୃତରେ ମୋ ପାଇଁ ଭଲ ହେଲା । ତେଣୁ ଭଗବାନ ଯାହା କରନ୍ତି, ପ୍ରାଣୀର ମଙ୍ଗଳ ପାଇଁ । ମନ୍ତ୍ରୀ ତତ୍‌କ୍ଷଣାତ୍ କହିଲେ, ମଣିମା ଯାହା ଆପଣଙ୍କ କ୍ଷେତ୍ରରେ ହେଲା, ଖୁବ୍ ଭଲ ହେଲା ।

**ଗନ୍ଧର୍ବ ସେନ ରଣା**
*ଏମ.ଏ.–୫୩, ଜିଜିପି କଲୋନୀ*
ରସୁଲଗଡ, ଭୁବନେଶ୍ୱର

## ଖିଲି ଖିଲି ହସ


**ଦୁଇସାଙ୍ଗ ମଧ୍ୟରେ କଥାବାର୍ତ୍ତା**

ପ୍ରଥମ ସାଙ୍ଗ : ମୋ ବାପାଙ୍କ ସାମ୍ନାରେ କେତେ ବଡ ବଡ ଧନୀ ଲୋକ ଦନା ଧରି ହାତପତେଇ ଠିଆ ହୋଇଥାଆନ୍ତି ।
ଦ୍ୱିତୀୟସାଙ୍ଗ: ତା' ହେଲେ ତୁମ ବାପା ଜଣେ ବହୁତ ବଡ ଧନୀ ବ୍ୟକ୍ତି ହୋଇଥିବେ ।
ପ୍ରଥମସାଙ୍ଗ: ନା ସାଙ୍ଗ, ମୋ ବାପା ଗୁପ୍‌ଚୁପ୍ ବିକନ୍ତି ।

ରାଜୁ ନିଜ ବିଲେଇ ଉପରେ ଚିଡି ତାକୁ ନେଇ ଦୂରରେ ଛାଡି ଆସିଲା । ଘରକୁ ଆସି ଦେଖିଲା ପୁଣି ବିଲେଇ ଘରକୁ ପଳାଇ ଆସିଛି । ସେ ଦ୍ୱିତୀୟଥର ପୁଣି ଛାଡିଦେଇ ଆସିଲା । ଘରେ ଦେଖିଲାବେଳକୁ ବିଲେଇ ଅଛି । ତୃତୀୟଥର ତାକୁ ନେଇ ବହୁତ ଦୂର ଜଙ୍ଗଲରେ ଛାଡି ଆସିଲା । ରାଜୁ ତା ମା'କୁ ଫୋନ୍ କରି ପଚାରିଲା: ମା'ଘରେ ବିଲେଇ ଅଛି କି ? ମା: ହଁ ଅଛି । ରାଜୁ: ତେବେ ତାକୁ ଜଲ୍‌ଦି ଜଙ୍ଗଲକୁ ପଠା ମୁଁ ବାଟ ଭୁଲିଯାଇଛି ।

ରାମୁ: ଶ୍ୟାମୁ ତୋତେ ପହଁରା ଆସେ ?
ଶ୍ୟାମୁ: ନା ।
ରାମୁ: ତୋ ଠୁ ତ ଭଲ କୁକୁର, ସେ ପହଁରିପାରୁଛି ।
ଶ୍ୟାମୁ: ତୋତେ ପହଁରା ଆସେ ?
ରାମୁ: ହଁ ।
ଶ୍ୟାମୁ: ତେବେ କୁକୁର ଆଉ ତୋ ମଧ୍ୟରେ ଫରକ କ'ଣ ରହିଲା ?

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ



# ବଡ଼ ଚାଲାକ ବିଲେଇ ମାଉସୀ





ସାଧାରଣତଃ ଆମର ଦୈନନ୍ଦିନ ଜୀବନରେ ନିତ୍ୟ ପ୍ରବହମାନ ଘଟଣାବଳୀରେ ଆମେ କୁକୁରବିରାଡ଼ିଙ୍କ ନାମ ଏକା ସାଙ୍ଗରେ ନେଇଥାଉ କିନ୍ତୁ, ବିରାଡ଼ି-କୁକୁର ଉଭୟଙ୍କ ରହିବା, ଖାଇବା ପ୍ରଣାଳୀରେ କେତେକ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଆମକୁ ଜଣାପଡ଼େ ନାହିଁ କେତେବେଳେ ବିଲେଇ ଆସି କ୍ଷୀର ପିଇକରି ପଳାଇଥାଏ। ସେହିପରି ଯଦି କୁକୁରଟିଏ ଗୃହ ମଧ୍ୟକୁ ପ୍ରବେଶ କରି ଖାଇଥାଏ ଆମେ ସଙ୍ଗେ ସଙ୍ଗେ ଜାଣିଦେଉ। କାରଣ ସେ ଖାଇବା ଜିନିଷକୁ ଏତେତେଣେ ପକାଇ ଖାଇବା ସହ ଶବ୍ଦ କରିଥାଏ। ଶାନ୍ତ ଶିଷ୍ଟଭାବେ ସାଧୁପରି ଶାନ୍ତି ଶୃଙ୍ଖଳା ରକ୍ଷା ପୂର୍ବକ ବିରାଡ଼ି ନିଜର ଅଭୀଷ୍ଟ ପୂରଣ କରେ ଓ ତା'ର ଉନ୍ନତ ମସ୍ତିଷ୍କ ମଧ୍ୟ ଥାଏ। ତେଣୁ କେତେକ କ୍ଷେତ୍ରରେ ଚତୁର ବ୍ୟକ୍ତିଙ୍କୁ ଆମେ ବିଲେଇ ବା ବିଲ୍ଲୀ ନାମ ପ୍ରଦାନ କରିଥାଉ।

ବିରାଡ଼ି ଯଦି କ୍ଷୀର ପିଇଥିବ ଆମେ ସେହି ବିରାଡ଼ି ଉପରେ ସନ୍ଦେହ କରିପାରିବା ନାହିଁ; କିନ୍ତୁ ଏହି କ୍ଷେତ୍ରରେ କୁକୁରକୁ ଚିହ୍ନଟ କରିବା ସହଜ ସାଧ୍ୟ। ବିରାଡ଼ି ସମ୍ମୁଖରେ କ୍ଷୀର ଥାଳି ରଖିଲେ ସେ ଚାଟିକରି ପିଇଦିଏ, ତତ୍‌ସହିତ ତା' ମୁହଁରେ କାଳେ ଲାଗିଯାଇଥିବ ଭାବି ସେ ଚାଟିଦେଇ ସଫା କରିଦିଏ। କିନ୍ତୁ କୁକୁରଟିଏ ଚାରିଆଡ଼େ କ୍ଷୀର ଢାଳିକରି ପିଇବା ସହ ନିଜ ମୁହଁ ସାରା ଲଗାଇଦିଏ।

**କୁକୁର କ୍ଷୀର ପିଇଲେ କାହିଁକି ଜଣାପଡ଼ିଯାଏ ?**

ବୈଜ୍ଞାନିକମାନେ କୁକୁରର ଖାଇବା ଢଙ୍ଗ ଉପରେ ଗବେଷଣା କରି ବିଭିନ୍ନ ମତପୋଷଣ କରିଛନ୍ତି। କୌଣସି ତରଳ ପଦାର୍ଥ ଅର୍ଥାତ୍ କ୍ଷୀର ପିଇବା ସମୟରେ କୁକୁର ନିଜ ଜିଭକୁ ପାଟିଭିତରୁ ବାହାରକୁ ଆଣି ଚାମଚ ଆକାରର କରିଦିଏ। କ୍ଷୀର ପିଉଥିବାବେଳେ କୁକୁରର ଜିଭଟି ଇଂଲିଶ 'J' ଅକ୍ଷର ସଦୃଶ ହୋଇଥାଏ। 'J' ଆକାରର ଜିଭଟି କ୍ଷୀର ପାତ୍ରରେ ବୁଡ଼ାଇଲାବେଳେ ଜିଭଟି କ୍ଷୀରରେ ପୂର୍ଣ୍ଣ ହୋଇଯାଏ। ତାକୁ ସେ ପାଟି ଭିତରକୁ ନେଲାବେଳେ କ୍ଷୀର ତଳେ ପଡ଼ିଯାଏ।

**ବିରାଡ଼ି କ୍ଷୀର ପିଇଲେ କେମିତି ଜଣାପଡ଼େ ନାହିଁ ?**

ଏହି ମାମଲାରେ ବିରାଡ଼ି ଅପେକ୍ଷାକୃତ ସାବଧାନତା ଅବଲମ୍ବନ କରିଥାଏ। ସେ ନିଜ ଜିଭକୁ 'J' ଆକୃତିର ଚାମଚ ପରି କରି ନ ଥାଏ। ଜିଭର କିଛି ନିର୍ଦ୍ଦିଷ୍ଟ ଅଂଶ ହିଁ କ୍ଷୀର ସଂସ୍ପର୍ଶରେ ଆସିଥାଏ। ଏହା ସହିତ ଜିଭକୁ ଅଧିକ ଗଭୀରକୁ ନ ପୂରାଇ ଉପରସ୍ତରରୁ ହିଁ କ୍ଷୀର ଗ୍ରହଣ କରି ଆସ୍ତେ ଆସ୍ତେ ତଳସ୍ତରଯାଏ ପିଇଥାଏ। ଜିଭକୁ ପାଟି ଭିତରକୁ ନେବା ଓ ପୁଣି ବାହାରକୁ କାଢ଼ିବାର ତୀବ୍ରତା ବିରାଡ଼ି କ୍ଷେତ୍ରରେ ଅତ୍ୟଧିକ। ଅନୁସନ୍ଧାନରୁ ଜଣାପଡ଼ିଛି ଯେ, ବିରାଡ଼ିଟିଏ ଏକ ସେକେଣ୍ଡରେ ପ୍ରାୟ ଛଅଥର କ୍ଷୀରକୁ ଚାଟିପାରେ ଏବଂ ଗୁରୁତ୍ୱାକର୍ଷଣ ବଳ ଯୋଗୁ ଜିଭରୁ କ୍ଷୀର ତଳେ ପଡ଼ି ନ ଥାଏ।

**-ସ୍ମିତା ନାୟକ**
ଭଞ୍ଜନଗର, ଗଞ୍ଜାମ



ଆସ ଜାଣିବା

# ହାତ ତିଆରି ପ୍ଲେଗ୍ରାଉଣ୍ଡ

ପିଲାମାନଙ୍କ ଖେଳିବାର ଏକ ପ୍ରଶସ୍ତ ସ୍ଥାନ ହେଉଛି ପ୍ଲେଗ୍ରାଉଣ୍ଡ। ଏଠାରେ ପିଲାମାନେ ବିଭିନ୍ନ ଆଉଟଡୋର ଗେମ୍‌ର ମଜା ନେଇଥାନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଜାପାନ୍‌ର ହାକୋନ ଓପେନ୍ ଏୟାର ମ୍ୟୁଜିୟମରେ ରହିଛି ଏଭଳି ଏକ ପ୍ଲେଗ୍ରାଉଣ୍ଡ, ଯାହା ତିଆରି ହୋଇଛି ହାତ ତିଆରି ନେଟ୍‌ରେ। ରଙ୍ଗବେରଙ୍ଗର ନାଇଲନ୍ ସୂତାରେ ନିର୍ମିତ ହୋଇଥିବା ଏହି ପ୍ଲେଗ୍ରାଉଣ୍ଡରେ ଖେଳିବା ପାଇଁ ପିଲାମାନଙ୍କର ନାହିଁ ନ ଥିବା ଭିଡ ଜମେ। ଏଠାରେ ପିଲାମାନେ କୁଦିବା, ଝୁଲିବା, ଦୌଡିବା ଆଦି ଆକ୍ଟିଭିଟି କରିଥାନ୍ତି। ଏହା ବ୍ୟତୀତ ଏଠାରେ ମଧ୍ୟ ରହିଛି ହାତବୁଣା ଟନେଲ, କୁଶନ୍ ଏବଂ ଝୁଲା। ତେବେ ଏଭଳି ଏକ କଳାକୃତି ପ୍ରସ୍ତୁତ କରିବା ପଛରେ ରହିଛି ତୋଶିକୋ ହୋରିଉଚି ମାକ୍‌ଆଦମ୍ ନାମ୍ନୀ ଜଣେ ଜାପାନୀ ମହିଳାଙ୍କ କଠିନ ପରିଶ୍ରମ। କୃଶ୍ ଏବଂ ନାଇଲନ୍ ସୂତା ସାହାଯ୍ୟରେ ବିଭିନ୍ନ ହସ୍ତକଳା ପ୍ରସ୍ତୁତ କରୁଥିବା ତୋଶିକୋଙ୍କ ଏଭଳି ଏକ ପ୍ଲେଗ୍ରାଉଣ୍ଡ୍ ପ୍ରସ୍ତୁତ କରିବା ଚିନ୍ତା ମନକୁ ଆସିଥିଲା। ଫଳସ୍ୱରୂପ ସେ ପ୍ରସ୍ତୁତ କରିଲେ ପିଲାଙ୍କ ମନୋରଞ୍ଜନ ପାଇଁ ଏଭଳି ଏକ ନିଆରା ଏବଂ ରଙ୍ଗିନ୍ କଳାକୃତି।







# ତୁ ମ ତୁ ଳୀ ରୁ



୧
ମିତାଂଶୀ ମିଶ୍ର
କ୍ଲାସ୍- ପ୍ରେପ୍ ୨,
ସଲ୍ଟ ଲେକ୍ ସ୍କୁଲ,
କୋଲକାତା



୨
ଦେବୀ ପ୍ରସାଦ ପଣ୍ଡା
କ୍ଲାସ୍- ଏଲକେଜି,
ଡିଏଭି ଗୁରୁକୁଳ,
ବାଲୁଗାଁ,
ଖୋର୍ଦ୍ଧା



୩
ମନସ୍ୱିନୀ ସାହୁ
କ୍ଲାସ୍–୮,
କେନ୍ଦ୍ରୀୟ
ବିଦ୍ୟାଳୟ, ଭଦ୍ରକ



୪
ଆକୃତି ଦାଶ
କ୍ଲାସ୍–୫,
ମହର୍ଷି ବିଦ୍ୟା
ମନ୍ଦିର, ନୟାଗଡ



୫
କୌସ୍ତୁଭ ରଥ
କ୍ଲାସ–୨, ଲୟୋଲା
ସ୍କୁଲ,ଭୁବନେଶ୍ୱର



୬
ଜ୍ୟୋତିର୍ମୟ ସାହୁ
କ୍ଲାସ୍–୨,
କେନ୍ଦ୍ରୀୟ ବିଦ୍ୟାଳୟ,
ଭଦ୍ରକ



୭
ପ୍ରାଚୀ ମହାନ୍ତି
କ୍ଲାସ୍–୮, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ଖଣ୍ଡଗିରି,
ଭୁବନେଶ୍ୱର



୮
ବିଭୁରଞ୍ଜନ ବେହେରା
କ୍ଲାସ୍–୮, ଗୋପବନ୍ଧୁ
ସରକାରୀ ନୋଡାଲ
ଉଚ୍ଚ ବିଦ୍ୟାଳୟ,
ମୋରଡା, ମୟୂରଭଞ୍ଜ



୯
ଅଙ୍କିତା ପଟ୍ଟନାୟକ
କ୍ଲାସ୍–୮, ନାଉଗାଁ ହାଟ
ହାଇସ୍କୁଲ,
ନାଉଗାଁ,
ଜଗତସିଂହପୁର



୧୦
ମନୀଷା ପାଢୀ
କ୍ଲାସ୍–୮, ସରସ୍ୱତୀ
ଶିଶୁ ବିଦ୍ୟାମନ୍ଦିର,
ନରେନ୍ଦ୍ରପୁର,
ଗଞ୍ଜାମ



୧୧
ଜାହ୍ନବୀ ପଟ୍ଟନାୟକ
କ୍ଲାସ୍–୨, ସେଣ୍ଟ
ଜୋସେଫ୍ସ୍ ଗାର୍ଲ୍ସ
ହାଇସ୍କୁଲ,
କଟକ




୧୨
ଅଙ୍କିତ ବେଉରା
କ୍ଲାସ୍–୭, ଶ୍ରୀ
ଅରବିନ୍ଦ ପୂର୍ଣ୍ଣାଙ୍ଗ
ଶିକ୍ଷାକେନ୍ଦ୍ର,ରସୁଲଗଡ,
ଭୁବନେଶ୍ୱର




୧





୨




୩




୪



୫




୬



୭




୮






୯



୧୦




୧୧

୧୨

# କହିଲ ଦେଖି

ଧଳା ଲଙ୍ଗଳକୁ କଳାର ଖେତ
ଚାଷ କରିଥାଏ ପାଠୁଆ ହାତ
ଶିକ୍ଷାନୁଷ୍ଠାନରେ ଚାଷଟି ହୁଏ
କି' ଲଙ୍ଗଳ ଖେତ କହିବ କିଏ ?

**ଉତ୍ତର– ଚକ୍, କଳାପଟା**



– ଜ୍ୟୋତି ନିରଞ୍ଜନ ପତି

ଚକୁଳି ନୁହେଁ ଗୋଲ ଆକୃତି
ବିରି ଚାଉଳରେ ଗଢା
ତେଲ କଡ଼େଇରେ ଛଣା ହୋଇକି
ପ୍ଲେଟ୍‌ରେ ହୁଏ ବଢା
କହିଲେ ଖାଇବ ଆସ
ଦୋକାନ ବେଞ୍ଚରେ ବସ ।

**ଉତ୍ତର– ବରା**



ମୂର୍ତ୍ତି ପଛେ ରହି ବଢାଏ ଶୋଭା
ସୁନା ରୁପା ସମ ମୁଁ ମନ ଲୋଭା
ଚାନ୍ଦି, ସୁନାରେ ବି ହୁଏ
କୁହ ଦେଖି ମୁହିଁ କିଏ ?

**ଉତ୍ତର– ମେଢ଼**

ଫଳ ମୂଳ ଛାଡ଼ି ପତର ଖାଅ
ତିଆରି କରିକି ବନ୍ଧୁଙ୍କୁ ଦିଅ
ଖାଇ ଦେଲେ ପାଟି ହୁଅଇ ଲାଲ
ବେଶି ଖାଇବାଟା ନୁହଁଇ ଭଲ ।
ୟା ନାଁ କହି ବଜାର ଚାଲ ।

**ଉତ୍ତର– ପାନ**





–ଗାନ୍ଧୀମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯

ପାର୍ଥକ୍ୟ ଖୋଜ



## ଏଥରର ପ୍ରଶ୍ନ ?

* ବାୟୁମଣ୍ଡଳରେ କେଉଁ ଗ୍ୟାସର ବୃଦ୍ଧି ହେତୁ ତାପମାତ୍ରା ବଢିଥାଏ ?
* ବାୟୁମଣ୍ଡଳରେ କେଉଁ ଗ୍ୟାସ୍ ର ପରିମାଣ ଅଧିକ ରହିଛି ?
* ବିଜୁଳି ବଲ୍‌ବ୍‌ରେ କେଉଁ ଗ୍ୟାସ୍ ଥାଏ ?
* ନିଆଁ ଜଳିବାରେ କେଉଁ ଗ୍ୟାସ୍ ସହାୟକ ହୋଇଥାଏ ?
* କେଉଁ ରଶ୍ମିର ପ୍ରଭାବରେ ଚର୍ମ କର୍କଟ ହୁଏ ?

## ଆସ ଚିହ୍ନିବା ଉତ୍ତର


୧. ମଧୁସୂଦନ ଦାସ
୨. ଗଙ୍ଗାଧର ମେହେର
୩. ଫକୀରମୋହନ ସେନାପତି
୪. ଗୋପବନ୍ଧୁ ଦାସ
୫. ବୀର ସୁରେନ୍ଦ୍ର ସାଏ
୬. ଶହୀଦ ଲକ୍ଷ୍ମଣ ନାୟକ

## ଆରଥରର ଉତ୍ତର

* ୧୯୩୬, ଏପ୍ରିଲ ୧
* ୧୮୧୭
* ଲକ୍ଷ୍ମଣ ନାୟକ
* ମଧୁସୂଦନ ଦାସ
* ଇଞ୍ଚୁଡି

# କବିତା

## ତୁମ ପଢ଼ିବା ପାଇଁ




କବିତା ସଙ୍କଳନ 'ସାଧବ ବୋହୂର ଚିଠି'ରେ ରହିଛି ଶିଶୁ, ଇନ୍ଦ୍ରଧନୁ ପରି, ତୁଳସୀ, ଉପକାରୀ ଖରା, ବଣଭୋଜି, ମୋ ସାଇକେଲ, ଆଖି, ବହୁବର୍ଣ୍ଣା, ଶିକ୍ଷକ ମୁଁ, ଧନୁଯାତ୍ରା, ଦଶହରା, ସ୍ୱଭାବକବି ଗଙ୍ଗାଧର, ରୁଷିଚି ଶୀତ ଭଳି ଅନେକ ମନଛୁଆଁ କବିତା । ଏହାର ସଂକଳନ କରିଛନ୍ତି ଡଃ. ସଙ୍ଗୀତା ରଥ । ମୂଲ୍ୟ ରହିଛି ୫୦ ଟଙ୍କା । ଯୋଗାଯୋଗ : ବୀଣାପାଣି ପ୍ରକାଶନ, ପୁସ୍ତକ ପ୍ରକାଶକ ଓ ବିକ୍ରେତା, ଟିକ୍ରାପଡା (ପି.ପି.ଏକାଡେମୀ ରୋଡ୍), ବଲାଙ୍ଗୀର, ଓଡିଶା ।

## ଆସ ଆମେ ସ୍କୁଲ ଯିବା

ଆସ ଆସ ଭାଇ ଆସ ହେ ଭଉଣୀ
ହେବା ଆମେ ଏକଜୁଟ
ନ ବୁଲି ବୃଥାରେ ସ୍କୁଲ ଯିବାରେ
ପଢିବାଟି ଆମେ ପାଠ ।
ବିଦ୍ୟା ଅଟେ ସିନା ମହାଧନ ତାକୁ
ଚୋର ନ ପାରେ ଚୋରାଇ,
ବିଦ୍ୟାଳୟଠାରୁ ବଡ ବଳ ଆଉ
ଜଗତରେ କିଛି ନାହିଁ ।
ଗାଆଁରେ ଗାଆଁରେ ସହରେ ସହରେ
ସର୍ବଶିକ୍ଷା ମଉସୁମୀ
ସଞ୍ଚରିତ ଆଜି କୋଣେ ଅନୁକୋଣେ
ଶିକ୍ଷାର ପୁଲକ ବୁଣି ।
ଯେ ନ ପଢେ ପାଠ ତା' ଜୀବନ ଧିକ
ଠକିଯାଏ ସେ ସବୁଠି
ପାଠ ସିନା ଦିଏ ଜ୍ଞାନଚକ୍ଷୁ ଖୋଲି
ସିଦ୍ଧିର ସେ ଚାବିକାଠି ।
ପାଠ ପଢି ସିନା ହେବା ବୈଜ୍ଞାନିକ
ସରଜିବା ନୂଆ ନୂଆ,
ପ୍ରଗତିର ପଥେ ଆଗେଇ ଚାଲିବା
ଚନ୍ଦ୍ରରେ ଗଢିବା ଗାଆଁ ।

*–ଶରତ କୁମାରୀ ଷଡ଼ଙ୍ଗୀ*
*ନରିଶୋ, ନିଆଳି, ଖୋର୍ଦ୍ଧା, ମୋ:୯୪୩୭୫୩୪୩୨୨*



## ସଫାସୁତୁରା

ମନ ଅଳିଆକୁ ସଫା କଲେ ସିନା
କହିବା ସଫାସୁତୁରା,
ମନ ମଇଳାକୁ ଚାଦର ଘୋଡେଇ
କହୁଚ ମୁଁ କେଡେ ତୋରା
ଚହଟ, ଚିକ୍କଣ ଗାଁ ସହରର
ଆହା କି ରଙ୍ଗ ଚହଟା
ଚାହିଁ ଦେଲେ କିନ୍ତୁ ମନ ଦରପଣ
ପଦାରେ ପଡେ ମୁଖଟା ।
ସାଇ ସହରର ଆବର୍ଜନା ଯେତେ
ଅନାବନା, କଳାମଳା
ଝାଡିଦେଲେ ଅବା ଝାଡୁ ମାରିଦେଲେ
ନିମିଷେ ସଫାସୁତୁରା ।
ମଇଳି ଚାଦର ମନ ଭିତରର
ସହଜେ ସଫା ନ ହୁଏ ।
ଚକାଚକ୍ ସିଏ ସ୍ୱଚ୍ଛ କାଚ ପରି
ଯିଏ ସଫା କରିଦିଏ ।
ମଣିଷକୁ କରେ ଅମଣିଷ ତାର
ଅନ୍ତର ମଇଳା ଗଦା,



ସେଇ ମଣିଷଟି ମହାତ୍ମା ଯାହାର
ଭିତର ବାହାର ସାଦା ।
କହିଗଲେ ବାପୁ ଶୁଣ ବାପଧନ
ତନମନ କର ସଫା
ସ୍ୱଚ୍ଛ ଦେହ–ମନ– ସୁସ୍ଥ ବିଶ୍ୱ ପ୍ରାଣ
ଇଏ କ'ଣ ନୂଆ କଥା ।

**–ଆର୍ତ୍ତତ୍ରାଣ ମିଶ୍ର,**
ପ୍ରାଚାର୍ଯ୍ୟ, କେନ୍ଦ୍ରୀୟ ବିଦ୍ୟାଳୟ ନଂ.–୧,
ୟୁନିଟ–୯, ଭୁବନେଶ୍ୱର



ଦକ୍ଷିଣ-ପୂର୍ବ ଏସିଆରେ ଦେଖାଯାଉଥିବା ସ୍ୱିଫ୍ଟଲେଟ୍ ନାମକ ପକ୍ଷୀର ବସାକୁ ଚାଇନାର ଅଧିବାସୀମାନେ ସୁପ୍ ପ୍ରସ୍ତୁତିରେ ବ୍ୟବହାର କରିଥାନ୍ତି। ସ୍ୱିଫ୍ଟଲେଟ୍ ପକ୍ଷୀ ଉକ୍ତ ବସାକୁ ନିଜ ଲାଳରେ ନିର୍ମାଣ କରିଥାଏ।

ଭାନିଲା ଅର୍କିଡ ମଞ୍ଜିର ଚୋପାରୁ ଭାନିଲା ଫ୍ଲେଭର୍ ପ୍ରସ୍ତୁତ କରାଯାଇଥାଏ। ଯାହାକୁ ବିଭିନ୍ନ କେକ୍, ପୁଡିଙ୍ଗ, ଆଇସ୍କ୍ରିମ୍ ଆଦି ପ୍ରସ୍ତୁତିରେ ବ୍ୟବହାର କରାଯାଏ।



# ଜଣା ଅଜଣା



ସାଧାରଣତଃ ସାପମାନଙ୍କ ଅଣ୍ଡାରୁ ଛୁଆ ଫୁଟୁଥିବା ବେଳେ ଏଭଳି କିଛି ସାପ ଅଛନ୍ତି ଯେଉଁମାନେ ସିଧାସଳଖ ଛୁଆ ଜନ୍ମ କରିଥାନ୍ତି।

ବୈଜ୍ଞାନିକଙ୍କ ମତ ଅନୁଯାୟୀ, ପ୍ରତିଦିନ ପ୍ରାୟ ୨୭୫ ମିଲିୟନ ନୂଆ ତାରା ସୃଷ୍ଟି ହୋଇଥାନ୍ତି।





ପୃଥିବୀର ସବୁଠାରୁ ଶୀଘ୍ର ବଢୁଥିବା ଗଛ ମଧ୍ୟରୁ ଅନ୍ୟତମ ହାଇବ୍ରିଡ୍ ପୋପ୍ଲାର୍ ଟ୍ରି। ଏହି ଗଛ ବର୍ଷକୁ ପ୍ରାୟ ୮ ଫୁଟ ଯାଏଁ ବଢିଥାଏ।



ଦାଦା ସାହେବ ଫାଲକେଙ୍କୁ ହିନ୍ଦୀ ସିନେମାର ଜନକ ବୋଲି କୁହାଯାଏ। କାରଣ ହିନ୍ଦୀ ସିନେମାର ଶୁଭାରମ୍ଭ ଦାଦା ସାହେବ ଫାଲକେଙ୍କ ଦ୍ୱାରା କରାଯାଇଥିଲା।



ପୃଥିବୀର ସବୁଠାରୁ ବିଷାକ୍ତ ଏଣ୍ଡୁଅ ମଧ୍ୟରୁ ଅନ୍ୟତମ ଗିଲା ମୋନ୍ଷ୍ଟର୍ ହେଲୋଡର୍ମା ସସ୍ପେକ୍ଟମ୍। ଏହାର ବିଷକୁ ବିଭିନ୍ନ ଔଷଧ ପ୍ରସ୍ତୁତି ଗବେଷଣା ଲାଗି ବ୍ୟବହାର କରାଯାଉଛି।



ପୃଥିବୀର ପ୍ରାଚୀନ ସପ୍ତାଶ୍ଚର୍ଯ୍ୟ ମଧ୍ୟରୁ ସବୁଠାରୁ ପୁରାତନ ହେଉଛି ପିରାମିଡ୍ ଅଫ୍ ଗିଜା। ଯାହା ବର୍ତ୍ତମାନ ମଧ୍ୟ ଇଜିପ୍ଟରେ ଅବସ୍ଥିତ।



# ଆଇନା

ଐନେଶ୍
୬ ବର୍ଷ





ଆଦ୍ୟା
୫ ବର୍ଷ



ସ୍ୱାଭିମାନ
୮ ବର୍ଷ